## ସଂକ୍ଷେପରେ

### କୋରବନ୍ଦୀରେ ମହାବୀର ଜୟନ୍ତୀ

**ରଗଡ଼ି,୧୪।୪(ଯତିଶ କୁମାର ମଲ୍ଲିକ):** କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତର କୋରବନ୍ଦୀ ଗ୍ରାମର ଶ୍ରୀସିଦ୍ଧାମହାବୀର ହନୁମାନଙ୍କ ତ୍ରୟୋଦଶ ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୨ରୁ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଯଜ୍ଞ ଉତ୍ସବରେ ମୁଖ୍ୟ ପୂଜକ ବୁନୁ ନନା ଓ ତାଙ୍କ ସହଯୋଗୀମାନେ ପୂଜାକାର୍ଯ୍ୟ କରିଥିଲେ। ମୁଖ୍ୟ କର୍ତ୍ତା ହେମନ୍ତ ରାଉତ, ଅଜୟ ବରାଳ, ଯତିଶ କୁମାର ମଲ୍ଲିକ, ଚିତ୍ତରଞ୍ଜନ ନନ୍ଦ, ଗୋଲଖ କୁମାର କର, ଆଲୋକ ରାଉତରାୟ, ସୁଜିତ ପାତ୍ର, ବିଶ୍ୱଜିତ କର, ବିଜୟ ବାରିକ, ପ୍ରଶାନ୍ତ ରାଉତ, ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଗ୍ରାମ ପୋଖରୀରୁ କଳସରେ ଜଳ ଆଣି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। କାହ୍ନୁଚରଣ ସେଠୀ, ସତ୍ୟଜିତ ରାଉତ, ସୁଜିତ ଦାସ, ପ୍ରତାପ ସେଠୀ, ନାଲୁ ରାଉତ ପ୍ରମୁଖ ମୁଖ୍ୟ ସହଯୋଗୀ ଥିଲେ। ତିନି ଦିନ ଧରି ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଡ଼ୋଶୀ ଗ୍ରାମର ଶତାଧିକ ଭକ୍ତ ଯୋଗଦେଇ ପ୍ରଭୁଙ୍କ ଆଶିଷ ଲାଭ କରିଥିଲେ।

### ଖଣି ଅଞ୍ଚଳରେ ଶ୍ରମିକ ସଂଘ ପକ୍ଷରୁ ଜଳଛତ୍ର

**କାଳିଆପାଣି,୧୪।୪(ଅସିତ ମହାନ୍ତ):** ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳର କାଳିଆପାଣି ଟାଉନସିପଠାରେ ଶ୍ରମିକ ସଂଘ ଓଡ଼ିଶା ମାଇନିଂ ୱାର୍କସ ୟୁନିଅନ ପକ୍ଷରୁ ଏକ ଜଳ ଛତ୍ର ଖୋଲାଯାଇଛି। ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବ ବର୍ଷ ଅବସରରେ ଖୋଲା ଯାଇଥିବା ଜଳ ଛତ୍ରକୁ ଶ୍ରମିକ ନେତା ତଥା ଓଡ଼ିଶା ମାଇନିଂ ୱାର୍କସ ୟୁନିଅନ ସାଧାରଣ ସମ୍ପାଦକ ଆମଲେନ୍ଦୁ ବେହୁରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଖଣି ନିଗମ କାଳିଆପାଣି ଜୋନ କର୍ମଚାରୀ ସଂଘ ଉପଦେଷ୍ଟା ଗୋପବନ୍ଧୁ ଦାସ ଓ ସମ୍ପାଦକ ମଧୁସୂଦନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ମା’ ହିଙ୍ଗୁଳାଙ୍କ ସରସ୍ୱତୀ ବେଶ



**ରସୁଲପୁର,୧୪।୪(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ବଇଞ୍ଚପଡ଼ିଆ ମା’ହିଙ୍ଗୁଳାଙ୍କ ୬୬ତମ ବାର୍ଷିକ ମହାଯଜ୍ଞୋତ୍ସବର ସୋମବାର ତୃତୀୟ ଦିବସରେ ମା’ ଶ୍ରଦ୍ଧାଳୁଙ୍କୁ ସରସ୍ୱତୀ ବେଶରେ ଦର୍ଶନ ଦେଇଛନ୍ତି। ଏଥିଲାଗି ପ୍ରତ୍ୟୁଷରୁ ମା’ଙ୍କ ନିକଟରେ ପାରମ୍ପରିକ ରୀତିନୀତିରେ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ମା’ଙ୍କୁ ସୁନା, ରୂପା ଅଳଙ୍କାରରେ ସୁସଜ୍ଜିତ କରାଯାଇ ବେଶରେ ଭୂଷିତ କରାଯାଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପତି, କୃଷ୍ଣଚନ୍ଦ୍ର ପାଢ଼ୀ, ସତ୍ୟଜିତ୍ ପଣ୍ଡା, ରବୀନ୍ଦ୍ର ବାରିକ ପ୍ରମୁଖ ପୂଜା କାର୍ଯ୍ୟକୁ ପରିଚାଳନା କରିଥିଲେ। ଭକ୍ତଙ୍କ ଗହଳିରେ ପୀଠ ଉଛୁଳି ଉଠିଥିଲା। ସନ୍ଧ୍ୟାରେ ମା’ଙ୍କ ନିକଟରେ ଆଳତୀ ଉତ୍ସବ ଅତ୍ୟନ୍ତ ମନୋରମ ହୋଇଥିଲା। ଯାତ୍ରା ପଡ଼ିଆରେ ଉଠା ଦୋକାନୀଙ୍କ ନିକଟରେ ଗହଳି ଲାଗି ରହିଥିଲା।

### ଯଜ୍ଞ ଉତ୍ସବ ସ୍ଥଳ ବୁଲିଲେ ନେତା

ମା’ ହିଙ୍ଗୁଳାଙ୍କ ବାର୍ଷିକ ମହାଯଜ୍ଞୋତ୍ସବରେ ନେତା ଓ ସେମାନଙ୍କ ସମର୍ଥକଙ୍କ ଗହଳି ଲାଗି ରହୁଛି। ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ଯାଜପୁର ପୌରପରିଷଦର ପୂର୍ବତନ ଅଧ୍ୟକ୍ଷ ଭବପ୍ରକାଶ ଦାସ, ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଗନ୍ଧଣ ସମିତିସଭ୍ୟ ଅଜୟ ପଣ୍ଡା ମା’ଙ୍କ ପୀଠ ପରିକ୍ରମା କରିଥିଲେ। ହିଙ୍ଗୁଳା ପୂଜା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଅତିଥିଙ୍କୁ ସ୍ୱାଗତ କରାଯିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ପୀଠ ଉନ୍ନତିକରଣକୁ ନେଇ କମିଟି ସଭାପତି ଅଶ୍ୱିନୀ ଦାସ, ସମ୍ପାଦକ ଧନେଶ୍ୱର ସାହୁ, କୋଷାଧ୍ୟକ୍ଷ ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ଶଶିଭୂଷଣ ପରିଡା ପ୍ରମୁଖ ଅତିଥିଙ୍କ ସହ ଆଲୋଚନା କରିଥିଲେ। କମିଟି ଉପଦେଷ୍ଟା ବିନୋଦ ବିହାରୀ ବେହେରା, ନଗେନ୍ଦ୍ର ପତି, ବାସୁଦେବ ଦାଶ, ସୁରେନ୍ଦ୍ର ରାଉତ, ଶୁକଦେବ ରାଉତ, ପୂର୍ବତନ ସମ୍ପାଦକ ସାଧୁଚରଣ ପାତ୍ର ପ୍ରମୁଖ ଯୋଗଦେଇ ଅତିଥିଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରଭୁ ନାରାୟଣ ଗୋସାଇଁଙ୍କ ସ୍ଥଳଯାତ୍ରା ଆରମ୍ଭ



ନାରାୟଣ ଗୋସାଇଁଙ୍କୁ ପୁଷ୍କରିଣୀରୁ ଅଣାଯାଉଛି।



ନାରାୟଣ ଗୋସାଇଁ।

**ରସୁଲପୁର,୧୪।୪(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅଞ୍ଚଳର ଐତିହାସିକ ସିଂହାପୁର ଯାତ୍ରା ଉତ୍ସବ ଅବସରରେ ଆକର୍ଷଣ କେନ୍ଦ୍ରବିନ୍ଦୁ ସାଜିଥିବା ଜଳଶାୟୀ ପ୍ରଭୁ ନାରାୟଣ ଗୋସାଇଁଙ୍କ ୩ଦିନିଆ ସ୍ଥଳ ଯାତ୍ରା ମହାବିଷୁବ ସଂକ୍ରାନ୍ତି ତିଥିରୁ ଆରମ୍ଭ ହୋଇଛି। ମଧୁପୁର ଗଡ଼ଜାତ ରାଜପରିବାର ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ପ୍ରଭୁଙ୍କୁ ଜଳକ୍ରୀଡ଼ା କରାଯାଇ ସ୍ଥଳଦେଶରେ ମନ୍ଦିର ସିଂହାସନରେ ଅବସ୍ଥାପନ କରାଯାଇଥିଲା। ଭକ୍ତ, ସେବକ, ପ୍ରଭୁଙ୍କୁ ମଧୁତୀର୍ଥ ପୁଷ୍କରିଣୀର ଉତ୍ତର ପାବଚ୍ଛରେ ଅବସ୍ଥାନ କରିଥିଲେ। ରାଜପରିବାରଙ୍କ କୁଳ ଦେବତା ପ୍ରଭୁ ନାରାୟଣ ଗୋସାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ପୂଜା ଅର୍ଚ୍ଚନା ପାଇଁ ରାଜାଙ୍କ ପରିବାର ବର୍ଗ, ସେବକ, ରାଜପୁରୋହିତ ପ୍ରମୁଖ ପାବଚ୍ଛ ନିକଟରେ ଉପସ୍ଥିତ ଥିଲେ। ପାରମ୍ପରିକ ରୀତିନୀତି ସହ ପୂଜା ଅର୍ଚ୍ଚନା ପରେ ପ୍ରଭୁ ପହଣ୍ଡି ଯାତ୍ରା ଜରିଆରେ ମନ୍ଦିର ନିକଟରେ ପହଞ୍ଚିଥିଲେ।

ଆବହମାନ କାଳରୁ ରାଜପରିବାରର ନିର୍ଦ୍ଦେଶ ଓ ସହଯୋଗ କ୍ରମେ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଭକ୍ତ ଓ ସେବକମାନେ ଆଜ୍ଞାମାଳ ନେଇ ମଧୁତୀର୍ଥ ପୁଷ୍କରିଣୀରେ ଅବସ୍ଥାନ କରୁଥିବା ଜଳ ସିଂହାସନ ନିକଟରେ ପ୍ରବେଶ କରିଥିଲେ। ପୂର୍ବ ପାବଚ୍ଛରେ ରାଜ ପୁରୋହିତଗଣଙ୍କ ଦ୍ୱାରା ପ୍ରଭୁଙ୍କୁ ଦୁଗ୍ଧ ସ୍ନାନ କରାଯାଇଥିଲା। ବିଧିମୁତାବକ ଭକ୍ତମାନେ ପୁନର୍ବାର ଠାକୁରଙ୍କୁ ଜଳପଥ ଦେଇ ପୁଷ୍କରିଣୀର ଉତ୍ତର ପାବଚ୍ଛରେ ଅବସ୍ଥାନ କରାଇଥିଲେ। ସେଠାରେ ରାଜଜେମା ପୁଷ୍ପାଞ୍ଜଳି ଦେଇ ଠାକୁରଙ୍କୁ ସ୍ଥଳ ଦେଶ ମନ୍ଦିରକୁ ସ୍ୱାଗତ କରିଥିଲେ। ପୁଷ୍କରିଣୀର ପୂର୍ବ ତଟରେ ଅବସ୍ଥିତ ମଦନ ମୋହନ ମନ୍ଦିରରେ ପୂଜା ପାଉଥିବା ପ୍ରଭୁ ନାରାୟଣ ଗୋସାଇଁଙ୍କ ଚଳନ୍ତି ପ୍ରତିମା ଏକ ବିମାନରେ ପଟୁଆରରେ ଆସି ଉତ୍ତର ପାବଚ୍ଛ ନିକଟରେ ପହଞ୍ଚିଥିଲା। ଉକ୍ତ ସ୍ଥାନରେ ମଦନ ମୋହନ ଓ ନାରାୟଣ ଗୋସାଇଁଙ୍କ ମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଯଜ୍ଞୋତ୍ସବରେ ୧୦ରୁ ଊର୍ଦ୍ଧ୍ୱ ପଣ୍ଡିତ ନିୟୋଜିତ ହୋଇଛନ୍ତି। ପ୍ରଭୁ ଭକ୍ତମାନଙ୍କୁ ବିଭିନ୍ନ ବେଶରେ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିବସରେ ପ୍ରଭୁ ନାରାୟଣ ଗୋସାଇଁ ଭକ୍ତମାନଙ୍କୁ ସୂର୍ଯ୍ୟ ନାରାୟଣ ବେଶରେ ଦର୍ଶନ ଦେଇଥିଲେ। ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି।

# ଦରିଆ ନାହାକାଣୀ ପୀଠରେ ୩୦ ହଜାର ଶ୍ରଦ୍ଧାଳୁ



ମା’ ଦରିଆ ନାହାକାଣୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।

**ସିଂହପୁର,୧୪।୪(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ମା’ଦରିଆ ନାହାକାଣୀ ପୀଠରେ ସୋମବାର ପଣା ସଂକ୍ରାନ୍ତିରେ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଚଳିତ ବର୍ଷ ମା’ଙ୍କ ପୀଠରେ ପଞ୍ଚଭୂତ ମହାଯଜ୍ଞ ୧୧ତାରିଖରୁ ଆରମ୍ଭ ହୋଇ ପଣାସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଛି। ମହାଯଜ୍ଞରେ ଅଙ୍କୁରରୋପଣ, କଳସଯାତ୍ରା, ଗୋ ପୂଜା, ସୂର୍ଯ୍ୟ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ମା’ଙ୍କ ପୀଠକୁ ପ୍ରଭାତରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ମଧ ବହୁ ପୁରୁଷ ଓ ମହିଳାଙ୍କ ସମାଗମ ହୋଇଥିଲା। ପଞ୍ଚଭୂତ ମହାଯଜ୍ଞକୁ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ଓ ସହଯୋଗୀମାନେ ସଞ୍ଚାଳନ କରିଥିଲେ। ମା’ ଦରିଆ ନାହାକାଣୀ ଉନ୍ନୟନ ପରିଷଦର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଷଠିପୁର, ବରପଦାରେ ନାବକେଳି ଉତ୍ସବ

**ପାଣିକୋଇଲି,୧୪।୪(ବିକାଶ ମଲ୍ଲିକ):** ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ନିଖିଳ ଉତ୍କଳ ପତିତପାବନ କୈବ୍ୟର୍ତ୍ତ ସଂଘର ୧୨୬ତମ ନାବକେଳି ଉତ୍ସବ ଆରମ୍ଭ ହୋଇଛି। କୈବ୍ୟର୍ତ୍ତମାନେ ନିଜ ନିଜ ନାବରେ ମୂର୍ତ୍ତି ବସାଇ ଫୁଲ, ଚନ୍ଦନ, ନୈବେଦ୍ୟ ଦେଇ ସମର୍ପଣ କରିଥିଲେ। ୫ ଦିନ ବ୍ୟାପୀ ହେବାକୁ ଥିବା ଏହି ଉତ୍ସବରେ ପାରମ୍ପରିକ ଘୋଡ଼ାନାଚ, ନୃତ୍ୟ ଓ ସଂଗୀତ ସନ୍ଧ୍ୟା ଆଦି କାର୍ଯ୍ୟକ୍ରମ କରାଯିବ। ଏଥିରେ ଚକ୍ରଧର ଦାସ, ଲକ୍ଷ୍ମୀଧର ଦାସ, କେଶବ ଚନ୍ଦ୍ର ଦାସ, ସୁଦର୍ଶନ ପରିଡ଼ା, ଭୋଳାନାଥ ମାଝୀ, ଏକ ମାଝୀ, ଶ୍ରନିବାସ ପରିଡ଼ା, ଧବଳେଶ୍ୱର ମାଝୀ, ଶ୍ରଧର ମାଝୀ, ଗେଡ଼ନ ମାଝୀ, ଶ୍ରନିବାସ ମଲିକ, ବଟକୃଷ୍ଣ ମଲିକ, ରବୀନ୍ଦ୍ର ପରିଡ଼ା, ବିଳାସ ମାଝୀ, ଦିଲୀପ ତରେଇ, ବାବୁଲା ତରେଇ ପ୍ରମୁଖ ସହଯୋଗ କରୁଛନ୍ତି।

ସେହିପରି କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମରେ



ଷଠିପୁରରେ ପୂଜା ପାଉଥିବା ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୃଣ୍ମୟୀ ମୂର୍ତ୍ତି।

ନାବକେଳୀ ଉତ୍ସବ ଅନୁଷ୍ଠିତ ହେଉଛି। କର୍ତ୍ତାଭାବେ ରାଜକିଶୋର ପରିଡ଼ା କାର୍ଯ୍ୟ ତୁଲାଉଛନ୍ତି। ପୂଜକ ଭାବେ ନାରାୟଣ ପଣ୍ଡା ଯୋଗ ଦେଇଛନ୍ତି। ବାସୁଦେବ ପରିଡ଼ା, ଗୋଲକ ଚନ୍ଦ୍ର ମାଝୀ, ସହଦେବ ପରିଡ଼ା, ନକୁଳ ପରିଡ଼ା, ବାବୁରାମ ପରିଡ଼ା, ପଦ୍ମନାଭ ପରିଡ଼ା, ବାବନ ପରିଡ଼ା, ଶ୍ରୀଧର ପରିଡ଼ା, ଉପେନ୍ଦ୍ର ପରିଡ଼ା, ରମାକାନ୍ତ ପରିଡ଼ା, ବଟକୃଷ୍ଣ ପରିଡ଼ା, ସଙ୍କର୍ଷଣ ପରିଡ଼ା, ରମାକାନ୍ତ ପରିଡ଼ା, ବଟକୃଷ୍ଣ ପରିଡ଼ା, ଶଙ୍କର୍ଷଣ ପରିଡ଼ା, ସୌମ୍ୟରଞ୍ଜନ ପରିଡ଼ା, ଗୋପାଳ ମାଝୀ, ସରୋଜ ପରିଡ଼ା, ଶରତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

# ମା’ ମଲ୍ୟାବୁଢ଼ୀ ଦେବୀଙ୍କ ବାର୍ଷିକ ଉତ୍ସବ

**ଚଣ୍ଡିଖୋଲ,୧୪।୪(ପ୍ରଦୀପ୍ତ କୁମାର ପୃଷ୍ଟି):** ବାଲିଚନ୍ଦ୍ରପୁରର ଗ୍ରାମ ଦେବତୀ ମା’ ମଲ୍ୟାବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ପଣା ସଂକ୍ରାନ୍ତି ଅବସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମା’ଙ୍କ ପୀଠରେ ମା ମଲ୍ୟାବୁଢ଼ୀ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ରବିବାର ଯଜ୍ଞ ପାଇଁ ଅଙ୍କୁରାରୋପଣ, ଅଧିବାସ, ମଣ୍ଡଳ ସ୍ଥାପନ ଓ ଧ୍ୱଜା ଅବତରଣ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସୋମବାର ବିରୂପା ନଦୀରୁ କଳସରେ ଜଳ ଅଣାଯାଇ ପୀଠରେ ସ୍ଥାପନ କରାଯାଇଥିଲା। ଏହାପରେ ଯଜ୍ଞ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ଅନନ୍ତ ମହାରଣା ସପତ୍ନିକ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ଗଗନ ବିହାରୀ ମିଶ୍ର ଓ ସାଥୀଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ସମାପନ ହୋଇଥିଲା। ଏହି ଦୁଇଦିନ ବ୍ୟାପୀ କାର୍ଯକ୍ରମକୁ ମ୍ୟାନେଜିଂ ଟ୍ରଷ୍ଟି ନରହରି ସେନ, ପ୍ରତାପ ଚନ୍ଦ୍ର ପରିଡା, ଦିବାକର ବିଶ୍ୱାଳ, ଶ୍ୟାମ ସୁନ୍ଦର ଦାସ,



ସତ୍ୟାନନ୍ଦ ମଲ୍ଲିକ, ତିଳୋତ୍ତମା ସେନ, ଶାନ୍ତିଲତା ସେନ, ନାରାୟଣ ଚନ୍ଦ୍ର ପଣ୍ଡା, ଦାମୋଦର ସାହୁ, ସଂଗ୍ରାମ ପରିଡ଼ା, କାର୍ତ୍ତିକ ଚନ୍ଦ୍ର ସେଠୀ, ଅନାଦି ମହାରଣା, ଦୋଳ ଗୋବିନ୍ଦ ମହାରଣା, ବିଜୟ ପରିଡ଼ା, ରାଇଚରଣ ସେଠୀ, ରତିକାନ୍ତ ସେଠୀ, ପ୍ରଫୁଲ୍ଲ ପରିଡା, ମିହିର ପରିଡା ଓ ଉଦୟ ନାଥ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ହତ୍ୟା ଅଭିଯୋଗରେ ଜେଲ ଯାଇଥିବା ଯୁବକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୧୪।୪(ପ୍ରଦୀପ୍ତ କୁମାର ପୃଷ୍ଟି):** ଏକ ହତ୍ୟା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମର ମଙ୍ଗୁଳି ଦାସ(୩୮)ଙ୍କ ରବିବାର କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ସେ ରଗଡ଼ି ସବଜେଲରେ ଥିଲେ। ଶରୀର ଅସୁସ୍ଥ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମରେ ଗତ ୪ ତାରିଖ ଶୁକ୍ରବାର ରାତିରେ ଲୁଟ ଉଦ୍ୟମ ବେଳେ ଘର ମାଲିକାଣୀ କୌଶଲ୍ୟା ପତିଙ୍କୁ ଆକ୍ରମଣ ହୋଇଥିଲା। ଏଥିରେ କୌଶଲ୍ୟାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଝିଅ ମମତା ଆହତ ହୋଇଥିଲେ। ଏହି ଘଟଣାରେ ପୋଲିସ ୫ ତାରିଖରେ ସେହି ଗ୍ରାମର ମଙ୍ଗୁଳି ଦାସ ଓ ବିକାଶ ଦାସଙ୍କୁ କେସ ନଂ.୯୬/୨୫ରେ ଗିରଫ କରି ୬ ତାରିଖରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ରଗଡି ସବଜେଲକୁ ପଠାଇ ଦିଆଯାଇଥିଲା। ଅନ୍ୟପକ୍ଷରେ ମଙ୍ଗୁଳିଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ତିଗିରିଆ ଓ ଖଡ଼ଗପୁର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଜେଲ କର୍ତ୍ତୃପକ୍ଷ ତାଙ୍କୁ ବାଡ଼େଇ ମାରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଜେଲ କର୍ତ୍ତପକ୍ଷଙ୍କ ପକ୍ଷରୁ କୌଣସି ସୂଚନା ମିଳିନାହିଁ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚନ୍ଦ୍ରମଣି



@ ମିଳନ



@ ସ୍ୱପ୍ନା



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୦ଦିନ ମଧ୍ୟରେ ରେଲୱେ ଗଳିପୋଲ କାର୍ଯ୍ୟ ନ ସରିଲେ ଆନ୍ଦୋଳନ

**ଯାଜପୁରରୋଡ୍,୧୪।୪(ପବିତ୍ର ରଞ୍ଜନ ମହାନ୍ତି):** ଆଗାମୀ ୧୦ ଦିନ ମଧ୍ୟରେ ରେଲୱେ ଗଳିପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ କୋରେଇ ସଂଗ୍ରାମ ସମିତି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏନେଇ ସମିତି ପକ୍ଷରୁ ରେଲ୍‌ୱେର ଉଚ୍ଚ କର୍ତ୍ତୃପକ୍ଷ ଏବଂ ଯାଜପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯାଜପୁରରୋଡ୍ ସହରକୁ ୨ ଭାଗ କରୁଥିବା ରେଲୱେ ଲେଭଲ କ୍ରସିଂ ପାଇଁ ସହରର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ସହରର ବିଭିନ୍ନ ସଂଗଠନ ପକ୍ଷରୁ ବହୁ ଦାବି ଓ ଆନ୍ଦୋଳନ ପରେ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ ଗଳିପୋଲ କାମ ଆରମ୍ଭ କରିଥିଲେ। ୨୦୨୩ ଡିସେମ୍ବରରେ ରେଳମନ୍ତ୍ରୀ ଆଭାସୀ ମଧ୍ୟମରେ ଗୋପବନ୍ଧୁ ଛକ ରେଲୱେ କ୍ରସିଂ ନିକଟରେ ଗଳିପୋଲ ଓ ସାଇ ମନ୍ଦିର ନିକଟରେ ଫ୍ଲାଇ ଓଭରବ୍ରିଜ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଗଳିପୋଲ କାର୍ଯ୍ୟ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବବୋଲି ଘୋଷଣା କରାଯାଇଥିଲା। ମାତ୍ର ଶିଳାନ୍ୟାସର ୮ ମାସ ପରେ ଉକ୍ତ ଗଳିପୋଲ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ ଗଳିପୋଲ କାର୍ଯ୍ୟ ସରି ପାରୁନାହିଁ।

ପୋଲ କାମରେ ଅହେତୁକ ବିଳମ୍ବ ଘଟୁଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଉଛି। ଗତ ଜାନୁଆରୀ ୨୪ରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନେଇ ରେଳମନ୍ତ୍ରୀ, ପୂର୍ବତଟ ରେଳପଥର ଜିଏମ୍, ଡିଆର୍‌ଏମ୍ ଓ ଯାଜପୁର ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ସେହିପରି ସମିତି ପକ୍ଷରୁ ଯାଜପୁରରୋଡ୍‌ଠାରେ ଥିବା ରେଳବାଇ ସହକାରୀ ଉପଖଣ୍ଡ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଏହାପରେ ମାର୍ଚ୍ଚ ୩୧ ସୁଦ୍ଧା ଗଳିପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବବୋଲି ଯନ୍ତ୍ରୀ ରାଜକିଶୋର ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେବି କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରୁ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି ଦାବି କରିଛନ୍ତି।

# ଆମ୍ବେଡକରଙ୍କ ତ୍ୟାଗ ଭାରତକୁ ଗଣତାନ୍ତ୍ରିକ ରାଷ୍ଟ୍ରର ପରିଚୟ ଦେଇଛି

## ଆମ୍ବେଡକର ଜୟନ୍ତୀ

**ବରୀ,୧୪।୪(ମହେନ୍ଦ୍ର ସ୍ୱାଇଁ):** ବିଶ୍ୱର ଅଧିକାଂଶ ମହାମନିଷୀଙ୍କ ଜନ୍ମ ଅଖ୍ୟାତ ପଲ୍ଲୀ ଅଞ୍ଚଳରେ ହୋଇଛି। ସେହି ପଲ୍ଲୀ ଅଞ୍ଚଳରୁ ହିଁ ବିଶ୍ୱର ବିକାଶ ପାଇଁ ସେମାନେ ସ୍ୱପ୍ନ ଦେଖିଥାନ୍ତି। ଠିକ ସେମିତି ଜଣେ ମହାନ ବ୍ୟକ୍ତିଥିଲେ ଭାରତରତ୍ନ ଡ. ଭୀମରାଓ ରାମଜୀ ଆମ୍ବେଡକର। ଯାହାଙ୍କ ତ୍ୟାଗ, ନିଷ୍ଠା, ସମର୍ପଣ ହିଁ ଭାରତକୁ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚୟ ଦେଇଛି। ବରୀ ବ୍ଲକ୍ ବାଲିଆ ପଞ୍ଚାୟତ ଅଧୀନ ହାଟପଡ଼ିଆଠାରେ ସୋମବାର ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଏକଥା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ




ଆମ୍ବେଡକରଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

ମଲ୍ଲିକ ଯୋଗଦେଇ କହିଥିଲେ, ସମ୍ବିଧାନ ପ୍ରଣେତା ସମଗ୍ର ଭାରତୀୟଙ୍କୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ କରିବା ପାଇଁ ଯେଉଁ ଚେଷ୍ଟା କରି ଗୌରବ ଆଣିଥିଲେ ତାହାକୁ ଭାଜପା ସରକାର ନଷ୍ଟ କରିଦେବାକୁ ବସିଛି। ଭାଇଭାଇ, ପରିବାରପରିବାର ମଧ୍ୟରେ ବିଭେଦ ସୃଷ୍ଟି କରିବା ପାଇଁ ଭାଜପା ଯେଉଁ ଉଦ୍ୟମ ଆରମ୍ଭ କରିଛି ତାହାକୁ ଭାରତୀୟମାନେ ଆଗାମୀ ଦିନରେ ପ୍ରତ୍ୟାଖାନ କରିବେ। ମୁଖ୍ୟବକ୍ତାଭାବେ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବ ପ୍ରସାଦ ସାମଲ ଯୋଗଦେଇ ଆମ୍ବେଡକର ଗଣତନ୍ତ୍ରର ପ୍ରତୀକ ବୋଲି କହିଥିଲେ।

ବରୀ ବିଜେଡି ପକ୍ଷରୁ ଆୟୋଜିତ ଏହି ଜୟନ୍ତୀ ସଭାରେ ବ୍ଲକ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ବାଲିଆ ସରପଞ୍ଚ ରେବତୀ ଜେନା, ସମିତିସଭ୍ୟା ମାନସୀ ଦାସ, ସରପଞ୍ଚ ସଂଘ ସଭାପତି ପ୍ରସନ୍ନ ସାମଲ, ଯୁବନେତା ବୁଲୁ ଯାଦବ, ପୂର୍ବତନ ସରପଞ୍ଚ ସମିର ମଲିକ ପ୍ରମୁଖ ଯୋଗଦେଇଥିଲେ। ଦଳିତ ନେତା ଅଭିମନ୍ୟୁ ମଲିକ, ଦୁର୍ଯ୍ୟୋଧନ ଦଳାଇ ପ୍ରମୁଖ ନିଜ ବକ୍ତବ୍ୟରେ ଦେଶ ପାଇଁ ଆମ୍ବେଡକରଙ୍କ ଅବଦାନ ଉପରେ ପ୍ରକାଶ କରିଥିଲେ। ଏହି ଅବସରରେ ବରୀ ଆମ୍ବେଡକର ବିକାଶ ପରିଷଦ ପକ୍ଷରୁ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ, ବିଧାୟକ ବିଶ୍ୱରଞ୍ଜନଙ୍କ ସମେତ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳିତ ନେତା ଅଜୟ ମଲିକ ଧନ୍ୟବାଦ ଦେଇଥିଲେ।

## ଆଳିର ପ୍ରଶାସନିକ ଜନଶୁଣାଣି ଶିବିର ବନ୍ଦ ରହିଲା

କେନ୍ଦ୍ରାପଡ଼ା,(ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ପ୍ରଶାସନିକ ଜନଶୁଣାଣୀ ଶିବିର ଆଳି ଠାରେ ମଙ୍ଗଳବାର ହେବ ବୋଲି ଧାର୍ଯ୍ୟ ହୋଇଥିଲା। ତେବେ ଏହି ଶିବିର ହେବ ନାହିଁ ବୋଲି ଏଡିଏମ୍ ନିଲୁ ମହାପାତ୍ରଙ୍କ ଚିଠି (ନଂ- ୧୦୦୦)ରୁ ସୂଚନା ମିଳିଛି। ଏଡିଏମ୍ ମହାପାତ୍ର ଜିଲା ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ଲେଖିଥିବା ଏହି ଚିଠିରେ ଜଣାଇଛନ୍ତିଯେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଜନଶୁଣଶଣୀ ଶିବିର ବନ୍ଦ ରହିବ।

# ଅଗ୍ନିଶମ ସେବା ସପ୍ତାହ ପାଳନ

କେନ୍ଦ୍ରାପଡା, ୧୪।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ସେବା ସପ୍ତାହ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏକ ସଚେତନତା ରଥ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ଅଗ୍ନିକାଣ୍ଡର ଭୟାବହତା ଓ ନିରାକରଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବ। ଏସମ୍ପର୍କରେ ଜିଲା ସହ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି, ୧୯୪୪ ଏପ୍ରିଲ ୧୪ରେ ମୁମ୍ବାଇ ଡକ୍‌ୟାର୍ଡରେ ଲାଗିଥିବା ନିଆଁକୁ ଲିଭାଇବାକୁ ଯାଇ ୬୬ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ସେହି ସହୀଦଙ୍କୁ ମନେ ପକାଇବା ସହିତ କାର୍ଯଧାରା ଆଗକୁ ନେବା ପାଇଁ ଏହି ଦିବସ ସୃଷ୍ଟି ହୋଇଛି ବୋଲି ସେ ପ୍ରକାଶ କରିଥିଲେ। ଏଥିପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

# ମା’ମାଟିଆ ମଙ୍ଗଳାଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି




ମା’ ମାଟିଆ ମଙ୍ଗଳାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ମା’ଙ୍କୁ ଦର୍ଶନ କଲେ ୩୦ ହଜାର ଶ୍ରଦ୍ଧାଳୁ

ରାଜନଗର,୧୪।୪ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ସର୍ବପୁରାତନ ବାରଗାଁର ମା’ ମାଟିଆମଙ୍ଗଳା ଶକ୍ତି ପୀଠରେ ସୋମବାର ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା, ଆଳି, ରାଜକନିକା ଆଦି ଅଞ୍ଚଳରୁ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁ ମା’ଙ୍କୁ ଦର୍ଶନ କରିଥିଲେ। ପ୍ରାତଃ ୩ଟାରେ ମା’ଙ୍କ ବଡସିଂହାର ବେଶ କରାଯାଇଥିଲା। ଏହା ପରେ ମା’ଙ୍କର ଷୋଡଶ ଉପଚାର, ବାଲ୍ୟଭୋଗ, ଆଳତି, ପଣାଭୋଗ କରାଯାଇଥିଲା। ମଧ୍ୟାହ୍ନ ଧୂପପରେ ୧୨ଟାରେ ୧୫ ମିନିଟ ପାଇଁ ମା’ଙ୍କ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନରେ ପୁଣି ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମା’ଙ୍କ ମନ୍ଦିର ଖୋଲାଯାଇଥିଲା। ସନ୍ଧ୍ୟା ଆଳତି ଓ ବାଲ୍ୟଭୋଗ ପରେ ଅନ୍ୟାନ୍ୟ ପୂଜାନୀତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମା’ ମାଟିଆମଙ୍ଗଳା ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା। ମା’ଙ୍କ ପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଆଇଆଇସି ନରେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ମା’ଙ୍କ ବାର୍ଷିକ ଉତ୍ସବରେ ଲୋକଙ୍କ ଭିଡକୁ ଦୃଷ୍ଟିରେ ରଖି ତୋରଣ ବ୍ୟବସ୍ଥା କରାଯାଇଛି। ମା’ଙ୍କ ମନ୍ଦିରକୁ ଫୁଲ ଓ ଲାଇଟରେ ସୁସଜ୍ଜିତ କରାଯାଇଥିଲା। କାହିଁ କେଉଁ ଅନାଦି କାଳରୁ ବ୍ରାହ୍ମଣୀ ନଦୀ କୂଳରେ ମା’ ମାଟିଆମଙ୍ଗଳା ପୂଜା ପାଇ ଆସୁଛନ୍ତି। ନଦୀର କରାଳ ଗ୍ରାସରେ ତଟକ୍ଷୟ ଯୋଗୁଁ ମା’ଙ୍କ ପୁରାତନ ମନ୍ଦିରରେ ନଦୀ ଗର୍ଭକୁ ଚାଲିଗଲା ପରେ ଏବେ ନୂତନ ମନ୍ଦିରରେ ମା’ ପୂଜା ପାଇ ଆସୁଛନ୍ତି। ମା’ଙ୍କ ପୂଜାନୀତି ଓ କିମ୍ବଦନ୍ତୀ ସାରା ଓଡିଶାରେ ବିରଳ। ଅନ୍ୟାନ୍ୟ ଶକ୍ତିପୀଠରେ ବ୍ରାହ୍ମଣମାନେ ପୂଜାପାଠ କରୁଥିବା ବେଳେ ଏଠାରେ ରାଉଳ ସଂପ୍ରଦାୟର ଭକ୍ତମାନେ ମା’ଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି। ମା’ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସହିତ ନେତାଙ୍କ ଭିଡ ଜମିଥିଲା। କେନ୍ଦ୍ରପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା , ବିଧାୟକ ଧ୍ରୁବ ଚରଣ ସାହୁ,ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି , ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ , ଭାଜପା ନେତା ଲଳିତ କୁମାର ବେହେରା , କଂଗ୍ରେସ ନେତା ଅଶୋକ କୁମାର ପ୍ରତିହାରୀ, ଯୁବନେତା ଦିଲୀପ ରଞ୍ଜନ ପାଳ , ସାରଦା ପ୍ରସାଦ ରାଉତ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ , ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ମା’ଙ୍କ ପୀଠରେ ପହଞ୍ଚି ଦର୍ଶନ କରିଥିଲେ।

# କସ୍ତୁରୀ କଳା ନିକେତନର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୧୪।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ଅଗ୍ରଣୀ ନୃତ୍ୟ ସଙ୍ଗୀତ ଅନୁଷ୍ଠାନ କସ୍ତୁରୀ କଳା ନିକେତନର ୩୨ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସମଗ୍ର ବିଶ୍ୱରେ କଳା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ କଳାତୀର୍ଥ ପଟ୍ଟାମୁଣ୍ଡାଇର ବଳିଷ୍ଠ ଅବଦାନ ରହିଛି ବୋଲି କହିଥିଲେ। ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ଓ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ ଓ ଲାସ୍ୟମୟୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୃପାସିନ୍ଧୁ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନବ କିଶୋର ପଣ୍ଡା ସ୍ୱାଗତ ଭାଷଣ ଓ କାଉନସିଲର ଗୋପୀବଲ୍ଲଭ ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଗିରିଜାଶଙ୍କର ସାମଲ ଓ କ୍ରିଷ୍ଣା ସ୍ୱାଇଁ ମାନପତ୍ର ପାଠ କରିଥିଲେ। ଏଇ ଅବସରରେ ସଙ୍ଗୀତ ଗୁରୁ ଶ୍ୟାମ ସୁନ୍ଦର ସାହୁ ଓ ସାମାଜିକ କର୍ମୀ ବିଜୟ ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ହିନ୍ଦୁ ଏକତା ଶୋଭାଯାତ୍ରାରେ ରାଜନଗର ବିଧାୟକଙ୍କ ଗେରୁଆ ଅବତାର

ରାଜନଗର,୧୪।୪ (ଭାସ୍କର ରାଉତରାୟ)



ଶୋଭାଯାତ୍ରାରେ ନିଜ ସମର୍ଥକମାନଙ୍କ ସହିତ ବିଧାୟକ ଧ୍ରୁବ ସାହୁ।

ସୋମବାର ଓଡ଼ିଆ ନୂଆ ବର୍ଷ ଓ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ହିନ୍ଦୁ ଏକତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ରାଜନଗର ବ୍ଲକର ଗୋସିଗାଁ ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବରଗାଁର ଆରାଧ୍ୟା ଦେବୀ ମା’ମାଟିଆ ମଙ୍ଗଳା ପୀଠ ଯାଏ ଯାଇଥିଲା। ଯୁବନେତା ଅମରେଶ ପଣ୍ଡା, ସରୋଜ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ରାଜନଗର ବିଧାୟକ ଧ୍ରୁବ ସାହୁ ସାମିଲ ହୋଇଥିଲେ। ଡିଜେ ସାଙ୍ଗକୁ ମାଦଳ, ପାରମ୍ପରିକ ବାଦ୍ୟର ତାଳେ ତାଳେ ଓ ଜୟ ଶ୍ରୀରାମ, ଜୟ ହନୁମାନ ନାରା ମଧ୍ୟରେ ଯୁବକମାନେ ଶୋଭାଯାତ୍ରାରେ ଆଗକୁ ମାଡ଼ି ଚାଲିଥିଲେ। ବିଧାୟକ ସାହୁ ନିଜ ସମର୍ଥକ ଓ ବ୍ଲକସ୍ତରୀୟ ନେତାମାନଙ୍କ ସହିତ ଗେରୁଆ ରଙ୍ଗର ଉତ୍ତରୀୟ ପକାଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହାକୁ ନେଇ କିଛି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏ ନେଇ ବିଧାୟକ ସାହୁ କହିଛନ୍ତି, ଆଜି ଓଡ଼ିଆ ନୂଆବର୍ଷ, ମହାବିଷୁବ ସଂକ୍ରାନ୍ତି ଓ ସଙ୍କଟମୋଚନ ହନୁମାନଙ୍କ ଜୟନ୍ତୀ। ଆମ ଅଞ୍ଚଳର ଆରାଧ୍ୟ ଦେବୀ ମା’ମାଟିଆ ମଙ୍ଗଳାଙ୍କ ପୀଠରେ ପ୍ରତିବର୍ଷ ପାର୍ବଣ ହୁଏ। ରାଜନଗର ଓ ପଟ୍ଟାମୁଣ୍ଡାଇବାସୀଙ୍କ କଲ୍ୟାଣ ପାଇଁ ମା’ଙ୍କ ଦର୍ଶନ ନିମନ୍ତେ ଓ ଓଡ଼ିଆ ନୂଆବର୍ଷକୁ ଧୁମ୍‌ଧାମ୍‌ରେ ପାଳନ ପାଇଁ ମୁଁ ଶୋଭାଯାତ୍ରାରେ ଯାଉଛି। ଏଥିରେ ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ।

# ଦିଅର ଆକ୍ରମଣରେ ଭାଉଜ ଗୁରୁତର

ଡେରାବିଶ,୧୪।୪(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନରଣପଡା ଗ୍ରାମରେ ଜମିବାଡ଼ି ବଣ୍ଟନକୁ କେନ୍ଦ୍ରକରି ଭାଉଜକୁ ଭୁଜାଲି ହାଣି ରକ୍ତାକ୍ତ କରିଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ, ଶୁକ୍ରବାର ରାତିରେ ଘରବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ଉମ୍ମତ୍ତଧର ବଡ଼ଭାଇ ସୁରେନ୍ଦ୍ର,ଭାଉଜ କବିତା ଓ ପୁତୁରା ଦିବ୍ୟଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଭୁଜାଲିଚୋଟରେ ଭାଉଜ କବିତା ଗୁରୁତର ହୋଇଥିଲେ। କବିତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନିଶ୍ଚିନ୍ତକୋଇଲି ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ସେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଏ ନେଇ ସୁରେନ୍ଦ୍ର କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚନ୍ଦ୍ରମଣି



@ ମିଲନ



@ ସ୍ମିତା



@ ସୁରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଇସି ସ୍କିମ୍ ୱାର୍କର କି ନିର୍ବାଚିତ ପ୍ରତିନିଧି ସରକାର ସ୍ପଷ୍ଟ କରନ୍ତୁ

ରାଜକନିକା,୧୪।୪ (ସଞ୍ଜୟ କୁମାର ଦାଶ)

ଏସଏସଜି ପୁନଃ ଗଠନ ବାତିଲ ଦାବିରେ ଗତ ୯ ତାରିଖରୁ ରାଜକନିକା ବ୍ଲକ ପରିସରରେ ଗଣଧାରଣାରେ ବସିଥିବା ମହିଳାମାନଙ୍କୁ ନୈତିକ ସମର୍ଥନ ଜଣାଇ ବ୍ଲକର ୨୯ ପଞ୍ଚାୟତର ପଞ୍ଚାୟତସ୍ତରୀୟ ଫେଡେରେଶନର ସଭାନେତ୍ରୀ ଓ ସମ୍ପାଦିକାମାନେ ଏକାଠି ହୋଇଥିଲେ। ପ୍ରଗତିଶୀଳ ମହିଳା ସମିତିର ରାଜ୍ୟ ସଭାନେତ୍ରୀ ତଥା ଓଳାଭର ଜିପିଏଲ୍‌ଏଫ୍‌ର ସଭାନେତ୍ରୀ ସବିତା ବରଜଙ୍କ ପୌରୋହିତ୍ୟରେ ଆହୁତ ସଭାରେ ଏସ୍‌ଏସ୍‌ଜି ପୁନଃ ଗଠନ ସମ୍ପର୍କୀତ ନିର୍ଦ୍ଦେଶନାମାକୁ ବାତିଲ କରିବା ଦାବୀକୁ ଦୋହରାଇ ବା ସହ କେତେକ ମୌଳିକ ପ୍ରଶ୍ନ ରଖିଥିଲେ। ସରକାର ପ୍ରଥମେ ଇସି ସଭ୍ୟମାନେ ସ୍କିମ୍ ୱାର୍କର କି ନିର୍ବାଚିତ ପ୍ରତିନିଧି ତାହା ସ୍ପଷ୍ଟ କରନ୍ତୁ। ଯଦି ସ୍କିମ ୱାର୍କର, ତେବେ ସେମାନଙ୍କୁ ସ୍ଥାୟୀ କରନ୍ତୁ। ଯଦି ନିର୍ବାଚିତ ପ୍ରତିନିଧି, ତେବେ ସେମାନଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ ବାରମ୍ବାର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ସୁଯୋଗ ଦିଅନ୍ତୁ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ମୁଖ୍ୟତଃ ରେଣୁବାଳା ମିଶ୍ର, ବୈଜୟନ୍ତୀ ପଡିହାରୀ, ଗାୟତ୍ରୀ ମହାନ୍ତି, ପ୍ରେମଲତା ନାୟକ, ଉର୍ମିଳା ବେହେରା, କ୍ଷୀରାମଣୀ ସାଇଁ, ଅଭୟଲକ୍ଷ୍ମୀ ଦାଶ, ପ୍ରଭାତୀ ବେହୁରୀଆ, ସସ୍ମିତା ଦାସ, ଛଇଳବାଳା ନାୟକ ଓ ସ୍ୱର୍ଣ୍ଣଲତା ଧଳ ପ୍ରମୁଖ ଉପସ୍ଥିତ ରହି ବୈଠକରେ ଅଂଶଗ୍ରହଣ କରିଥିଲେ।

# ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା,୧୪।୪ (ଜଗନ୍ନାଥ ଧଳ)

ସହରର ବିଭିନ୍ନ ସ୍ଥାନରେ ଭାରତର ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡ଼କରଙ୍କ ୧୩୫ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସହରର ପୁରୁଣା ବସଷ୍ଟାଣ୍ଡରେ ଥିବା ଡ. ଆମ୍ବେଡ଼କରଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଡିଏମ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳ କାର୍ଯ୍ୟାଳୟ ସଦ୍‌ଭାବନା ହଲରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତ୍ରିଭୂବନ ଜୟସିଂହଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ଅତିଥିମାନେ କହିଥିଲେ, ୧୨ ଭାଷାରେ ଡିଗ୍ରୀ ଓ ପିଏଚ୍‌ଡି ସମ୍ମାନ ସହ ୭ ଭାଷାରେ ତାଙ୍କ ଅଗାଧ ପାଣ୍ଡିତ୍ୟ ଥିଲା। ସମ୍ବିଧାନ ପ୍ରଣେତା ଓ ସମାଜ ସଂସ୍କାରକ ଭାବେ ବହୁ କିର୍ତ୍ତୀ ସ୍ଥାପନ କରିଛନ୍ତି। ସମ୍ବିଧାନ ପ୍ରତି ଆନୁଗତ୍ୟ ରଖିବା ଭାରତୀୟଙ୍କ ପ୍ରାଥମିକତା ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏଡିପିଆରଓ ଅଶୋକ କୁମାର ବଳିଆରସିଂହଙ୍କ ସମେତ ଜିଲାର ପ୍ରଶାସନିକ କର୍ମଚାରୀ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଯୋଗ ଦେଇଥିଲେ। ସର୍ବଭାରତୀୟ ସମତା ଦଳ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଜୟନ୍ତୀ ଉତ୍ସବ କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱରସ୍ଥ ଡ. ଆମ୍ବେଡ଼କର ଭବନରେ ଅନୁଷ୍ଠିତ ହୋଇଥିଲା। ସୁଧୀର କୁମାର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବହୁ ବୁଦ୍ଧିଜୀବୀ ଓ ରାଜନେତା ଯୋଗ ଦେଇଥିଲେ। ଏହାକୁ ସମ୍ପାଦକ ଅଶୋକ କୁମାର ସେଠୀ ପରିଚାଳନା କରିଥିଲେ। ସିପିଆଇ (ଏମ) ଓ ସିପିଆଇ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ସିଂହ ଅଧ୍ୟକ୍ଷତା କରିଥିଲେ। କର୍ମକର୍ତ୍ତା ଗୟାଧର ଧଳ, ରମଣୀରଞ୍ଜନ ରାଉତରାୟ, ବାବାଜୀ ଧଳ, ମାଧବ ଦାସ, ଅଜିତ କୁମାର ପରିଡା, ରମେଶ ଚନ୍ଦ୍ର ମଲିକ ପ୍ରମୁଖ ଏଥିରେ ସାମିଲ ଥିଲେ।



ଆମ୍ବେଡକରଙ୍କ ଜୟନ୍ତୀ ସଭାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ମହିଳା ଗୋଷ୍ଠୀ ତରଫରୁ ଜଳଛତ୍ର



ମହିଳାମାନେ ଥଣ୍ଡା ପାନୀୟ ଜଳ ବଣ୍ଟନ କରୁଛନ୍ତି।

ମାର୍ଶାଘାଇ,୧୪।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତ ଶାସନୀପଡ଼ା ଗ୍ରାମର ତ୍ରିନାଥ ପିଜି ଗ୍ରୁପ ତରଫରୁ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବ ବର୍ଷ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରୁପ ତରଫରୁ ‘ଜଳ ହିଁ ଜୀବନ’ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଗ୍ରୁପ ତରଫରୁ ଜଳଛତ୍ର ଖୋଲାଯାଇ ପଥଚାରୀମାନଙ୍କୁ ଥଣ୍ଡା ପାନୀୟ, ସହ ଦହି ଓ ବେଲରେ ପ୍ରସ୍ତୁତ ହୋଇଥିବା ସ୍ୱାଦିଷ୍ଟ ପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରୁପର ସଦସ୍ୟା ମଧୁସ୍ମିତା ଜେନା, ସ୍ୱପ୍ନାରାଣୀ ଖଟୁଆ,କଲ୍ୟାଣୀ ଜେନା, ପ୍ରଭାତୀ ସେଠ, ମଧୁସ୍ମିତା ଜେନା, ରଶ୍ମିତା ବେହେରା, ସୁମିତ୍ରା ଦାସ, ମାମିନା ବେହେରା, ସୁମିତ୍ରା ନାୟକ, ଅମ୍ବିକା ପରିଡ଼ା, ନର୍ମଦା ବେହେରା, ପ୍ରତିଭା ରାଉତ, ଇଚିନା ରାଉତ, ନମିତା ଦାସ, ଗୀତାଞ୍ଜଳି ବେହେରା, ସ୍ୱର୍ଣ୍ଣଲତା ଦାସ, ସୌଦାମିନୀ ଦାସ, ସସ୍ମିତା ବେହେରା,,ବିରଜା ପ୍ରିୟଦର୍ଶିନୀ ସ୍ୱାଇଁ, ଲୁସି ବେହେରା, ପୁଷ୍ପଲତା ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ାରେ ହିନ୍ଦୁ ଏକତା ଶୋଭାଯାତ୍ରା



କେନ୍ଦ୍ରାପଡ଼ାରେ ବାହାରିଥିବା ହିନ୍ଦୁ ଏକତା ଶୋଭାଯାତ୍ରା।

କେନ୍ଦ୍ରାପଡା, ୧୪।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ହିନ୍ଦୁ ଏକତା ଶୋଭାଯାତ୍ରା ସୋମବାରରେ ଶାନ୍ତି ଶୃଙ୍ଖଳାର ସହିତ ସମ୍ପର୍ଣ୍ଣ ହୋଇଛି। ଜିଲା ବଜରଙ୍ଗ ଦଳ, ଧର୍ମରକ୍ଷା ସେନା, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଏସମ୍ପର୍କରେ ଧର୍ମରକ୍ଷା ସେନାର ଆବାହକ ବିବେକାନନ୍ଦ ମହାରଣା କହିଛନ୍ତି, ପ୍ରତିବର୍ଷ ମହାବୀର ଜୟନ୍ତୀରେ ଏହି ଶୋଭାଯାତ୍ରା ଶୋଭାଯାତ୍ରା ଯାଇଥାଏ। ଚଳିତ ବର୍ଷ ଏହି ଶୋଭାଯାତ୍ରା ସହରର ଇଚ୍ଛାପୁରସ୍ଥ ମାଉସୀମା ମନ୍ଦିରଠାରୁ ବାହାରି ତିନିମୁହାଣୀସ୍ଥ ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ସହର ମଧ୍ୟରେ ବହୁ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ପାଣି ଓ ପଣା ଦେଇ ଏହି ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଶେଭାଯାତ୍ରା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ୫ କିମି ଏହି ଶୋଭାଯାତ୍ରା ପଥକୁ ପୋଲିସ ଦ୍ୱାରା ସିଲ କରାଯାଇଥିଲା। ଆଇନଶୃଙ୍ଖଳାକୁ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ପରିଚାଳନା କରିଥିଲେ।

# ମା’ରାମଚଣ୍ଡୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ହେବ: ବିଧାୟକ

- ପଣା ସଂକ୍ରାନ୍ତିରେ ଝାମୁ ଯାତ୍ରା ଅନୁଷ୍ଠିତ
- ଶତାଧିକ ଶ୍ରଦ୍ଧାଳୁ ମା’ଙ୍କୁ ଦର୍ଶନ କଲେ
- ଦରିଆ ରାଣୀ ପୁସ୍ତକ ଉନ୍ମୋଚିତ

ମହାକାଳପଡ଼ା, ୧୪।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା’ରାମଚଣ୍ଡୀ ମନ୍ଦିରରେ ପଣା ସଂକ୍ରାନ୍ତି ଅବସରରେ ସୋମବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ମା’ଙ୍କ ପୀଠରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗି ରହିଥିଲା। ଅପରାହ୍ନ ସାଢ଼େ ଗୋଟାଏରେ ମା’ଙ୍କ ଚଳନ୍ତି ପ୍ରତିମାଙ୍କୁ ଏକ ସୁସଜ୍ଜିତ ବିମାନରେ ସ୍ଥାପନ କରାଯାଇ ସଂକୀର୍ତ୍ତନ ମଣ୍ଡଳୀ ମନ୍ଦିର ଚାରିପାଖେ ପରିକ୍ରମା କରାଯାଇଥିଲା। ଏହାପରେ ମନ୍ଦିର ସମ୍ମୁଖରେ ଘଣ୍ଟ ପାଟୁଆ ରାଉଳମାନେ ମା’ଙ୍କ ଘଟକୁ ମୁଣ୍ଡରେ ରଖି ନିଆଁଗର୍ତ୍ତରେ ପ୍ରବେଶ କରି ୭ ଥର ଚାଲିଥିଲେ। ପରେ ବିମାନରୁ ମା’ଙ୍କଚଳନ୍ତି ପ୍ରତିମାକୁ ମନ୍ଦିରକୁ ନିଆଯାଇଥିଲା। ମାନସିକଧାରୀମାନେ ମା’ଙ୍କ ପୀଠରେ କୁକୁଡ଼ା ଉଡ଼ାଇବା ଥିଲେ।

ଏହି ଅବସରରେ ଆଞ୍ଚଳିକ ରାମଚଣ୍ଡୀ ସେନା ପକ୍ଷରୁ ଦରିଆ ରାଣୀ ପୁସ୍ତକକୁ ମୁଖ୍ୟ ଅତିଥି ତଥା ସ୍ଥାନୀୟ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଉନ୍ମୋଚନ କରିଥିଲେ। ଏହି ପବିତ୍ର ସ୍ଥାନରେ ମା’ରାମଚଣ୍ଡୀଙ୍କ ଏକ ଭବ୍ୟ ଓ ଦିବ୍ୟ ମନ୍ଦିର ନିର୍ମାଣ କରାଯିବ ବୋଲି ସେ କହିଥିଲେ। ଏହି ମନ୍ଦିର କେବଳ ପଥରରେ ନିର୍ମାଣ କରାଯିବ ବୋଲି ବିଧାୟକ କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ ଯୋଗ ଦେଇ ମା’ଙ୍କ ମନ୍ଦିର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ମା’ଙ୍କ ମନ୍ଦିର ଖଣ୍ଡେଲାଇଟ ଓ ମୁଗୁନି ପଥରରେ ନିର୍ମାଣ ହେବ ବୋଲି ଦାସ କହିଥିଲେ। ଆସନ୍ତା ମଙ୍ଗଳବାରଠାରୁ ଏଠାରେ ଜିଲା ପ୍ରଶାସନ ପକ୍ଷରୁ ଜମ୍ବୁଦୀପ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା–୨୦୨୫ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ମନ୍ତ୍ରୀ, ବିଧାୟକମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଦାସ ସୂଚନା ଦେଇଥିଲେ।



ମା’ଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ପରିକ୍ରମା କରାଯାଉଛି।

ପୁସ୍ତକ ଉନ୍ମୋଚନରେ ମନ୍ଦିର ଟ୍ରଷ୍ଟି ତଥା ତହସିଲଦାର ଶିବ ମଲିକ , ଏମ୍‌ପିଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ , ସେନା ଆବାହକ ଲକ୍ଷ୍ମୀକାନ୍ତ ସାଇଁ, ସମ୍ପାଦକ ବିରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକଙ୍କ ସହିତ ଏମ୍‌ପି ବୈଜୟନ୍ତ ପଣ୍ଡା, ଭାଜପା ନେତା ବିଷ୍ଣୁ ଦାସ, ସଞ୍ଜୟ ରଥ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ମା’ଙ୍କ ଆଶିଷ ଭିକ୍ଷା କରିଥିଲେ।

# ତଦନ୍ତକରି ଫେରିଲା ସାଇଣ୍ଟିଫିକ୍ ଟିମ୍

ନୟାଗଡ଼/ଗଣିଆ,୧୪।୪

(ଲୋକନାଥ ମିଶ୍ର/ସନ୍ତୋଷ କୁମାର ପ୍ରଧାନ):ନୟାଗଡ଼ ଜିଲା ଗଣିଆ ଥାନା ଆଡକଟା ପଞ୍ଚାୟତ କୃଷ୍ଣପଲ୍ଲୀ ଗାଁରେ ରବିବାର ବିସ୍ଫୋରଣ ଘଟି ୪ ଆହତ ହୋଇଥିଲେ । ଏଥିଯୋଗୁ ଏକ ଆଜବେଷ୍ଟସ ଘର ଚୁରମାର ହୋଇଯାଇଥିଲା । ହେଲେ କେଉଁ କାରଣରୁ ଏପରି ବିସ୍ଫୋରଣ ଘଟିଲା ତାର କାରଣ ଜଣାପଡୁନି । ଘଟଣାସ୍ଥଳରେ ସୋମବାର ସାଇଣ୍ଟିଫିକ ଟିମ୍ ପହଞ୍ଚି ବିସ୍ଫୋରଣର କାରଣ ତଦନ୍ତ କରିଛି । ଅନ୍ୟପକ୍ଷେ ଘଟଣାସ୍ଥଳରୁ ବିସ୍ଫୋରଣ ସମୟର କିଛି ସାମଗ୍ରୀ ଧରି ଫେରିଛି । ସେହିପରି ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଓ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଅନୁରୂପ ଭାବେ ତଦନ୍ତ କରି ଫେରିଛନ୍ତି ।

ରବିବାର ଅପରାହ୍ନରେ ବିସ୍ଫୋରଣ ଘଟି ଗୋଟିଏ ପରିବାରର ୩ ଜଣ ସମେତ ୪ଜଣ ଆହତ ହୋଇଥିଲେ । ଗୋଟିଏ ଆଜ୍‌ବେଷ୍ଟସ ଘର ଉଡି ଯାଇଥିଲା । ବିସ୍ଫୋରଣରେ ଅଚ୍ୟୁତ ପ୍ରଧାନ(୪୦), ସ୍ତ୍ରୀ ଗୀତାଞ୍ଜଳୀ ପ୍ରଧାନ(୩୫) ଓ ଭାଇ ବାହାଦୁର ପ୍ରଧାନ(୫୦), ସେହି ଗାଁର ରାଜ କିଶୋର ସାହୁ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରୁ ଗୀତାଞ୍ଜଳୀଙ୍କ ଅବସ୍ଥା ଗୁରୁତର ରହିଛି । ସେ ଏବେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଛନ୍ତି । ବିସ୍ଫୋରଣ ପରେ ଗାଁଲୋକ ବିସ୍ଫୋରଣର କାରଣ ଖୋଜୁଛନ୍ତି । ଗାଁ ଲୋକଙ୍କ ସୂଚନା ଅନୁସାରେ ଅଚ୍ୟୁତ ପ୍ରଧାନ ଜଣେ ଗରିବ ଲୋକ । ଚାଷବାସ କରି ପରିବାର ପ୍ରତିପୋଷଣ କରନ୍ତି । ସେ ବାଣାକାର ନୁହନ୍ତି । ପଣା ସଂକ୍ରାନ୍ତି ପାଇଁ କିଛି ମାନସିକ ବାଣ ଆଣି ରଖିଥିଲେ । ଯେଉଁ ଘରେ ବାଣ ବିସ୍ଫୋରଣ ହୋଇଛି ସେ ଘର ଏକ କୁକୁଡ଼ା ଫାର୍ମ। ତାହା ପୁଣି ଅଚ୍ୟୁତଙ୍କର ନୁହେଁ ବୋଲି କହିଛନ୍ତି । ଗଣିଆ ଥାନା ଆଇଆଇସି ଲକ୍ଷ୍ମଣ ଦଣ୍ଡସେନା କୁହନ୍ତି, ସାଇଣ୍ଟିଫିକ ଟିମ ତଦନ୍ତ କରି ଫେରିଛି । ସାଇଣ୍ଟିଫିକ ଟିମ୍‌ର ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅନ୍ୟପକ୍ଷେ ପୋଲିସ ୩୪/୨୫ରେ


ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି ।

■ କୃଷ୍ଣପଲ୍ଲୀରେ ବିସ୍ଫୋରଣ ଘଟଣା
■ ଜବତ କଲା ବିସ୍ଫୋରକ ପରର ସାମଗ୍ରୀ
■ ବିସ୍ଫୋରଣର କାରଣ ସ୍ପଷ୍ଟ କରୁନି ପୋଲିସ

ମାମଲା ରୁଜୁ କରି ତଦନ୍ତ କରୁଛି । ଏସ୍‌ଡିପିଓ ମଦନ ମୋହନ ପ୍ରଧାନ କୁହନ୍ତି, ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛି । ପ୍ରାଥମିକ ପର୍ଯ୍ୟାୟରେ ଏହା ବାଣ ବିସ୍ଫୋରଣ ପରି ଲାଗୁଛି । ତେବେ ପୋଲିସର ତଦନ୍ତ ଶେଷ ହୋଇନି ବୋଲି କହିଛନ୍ତି । ଗାଁ ଲୋକଙ୍କର ସୂଚନାକୁ ଅନୁଧ୍ୟାନ କଲେ ଅଚ୍ୟୁତ୍ ଯଦି ବାଣ ତିଆରି କରୁ ନ ଥିଲେ, ଘରେ କିଛି ବାଣ ରଖିଥିଲେ ଏତେବଡ ବିସ୍ଫୋରଣ ହେଲା କିପରି । ବିସ୍ଫୋରଣର ସ୍ଥିତିକୁ ଅନୁଧ୍ୟାନ କଲେ ବିସ୍ଫୋରକ ସାମଗ୍ରୀ ନ ଥିଲେ ଏତେବଡ ବିସ୍ଫୋରଣ ହୋଇ ପାରିବନି ବୋଲି ଆଲୋଚନା ଚାଲିଛି । ଯଦି ମାନସିକ ବାଣ ରଖିଥିଲେ ନିଜ ଘରେ ନ ରଖି କାହିଁକି କୁକୁଡା ଫାର୍ମରେ ରଖିଥିଲେ । ଅଚ୍ୟୁତଙ୍କ ସ୍ତ୍ରୀ ଗୀତାଞ୍ଜଳୀ କୁକୁଡା ଫାର୍ମରେ କ'ଣ କରୁଥିଲେ । ଯଦି ବାଣ ରେ ବିସ୍ଫୋରଣ ହୋଇଛି ତେବେ ପୋଲିସ କିପରି ବେଆଇନ ବାଣ ପ୍ରସ୍ତୁତି ଓ ବାଣ ବ୍ୟବସାୟ ନେଇ ଜାଣି ପାରି ନ ଥିଲା । ଅପରପକ୍ଷେ ବିସ୍ଫୋରଣ ହୋଇଥିବା ଘରେ କ'ଣ ବୋମା ସହ ବାଣ ଲୁଚାଇ ରଖାଯାଇଥିଲା କିବୋଲିପ୍ରଶ୍ନ ଉଠିଛି।

## ହନୁମାନଙ୍କ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି

ରଣପୁର,୧୪।୪(ସୁକାନ୍ତ କିଶୋର ଡାକୁଆ): ନୟାଗଡ ଜିଲ୍ଲା ରଣପୁରରେ ସୋମବାର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ତଥା ହନୁମାନ ଜୟନ୍ତୀ ମହାଆଡମ୍ବର ସହକାରେ ପାଳନ କରାଯାଇଛି । ମହିଳାମାନେ ଚଉଁରା ଉପରେ ଠେକି ରଖି ଜଳଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ଥାନରେ ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଥିଲା । କୋଟଗଡଠାରେ ଥିବା ହନୁମାନଙ୍କ ମନ୍ଦିରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂର୍ବାହ୍ନରୁ ଅଖଣ୍ଡ ହନୁମାନ ଚାଳିଶା ଓ ଘୃତ ଯଜ୍ଞ କରାଯାଇଥିଲା । ଅପରାହ୍ନ ପ୍ରାୟ ୫ଟା ସମୟରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ଏହି ଅବସରରେ କୋଟଗଡ ହନୁମାନଙ୍କ ମନ୍ଦିରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରଣପୁର ମଣିନାଗ ପର୍ବତ ପାଦ ଦେଶରେ ଅବସ୍ଥିତ ଦୁର୍ଗ ମହାବୀରଙ୍କ ପୀଠରେ ୪ ଦିନ ଧରି ଚାଲିଥିବା ଅଷ୍ଟଦ୍ଦଶ ବିଶ୍ୱଶାନ୍ତି ମହାଯଜ୍ଞର ଗୋଧୂଳି ସମୟରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞ ଦେଖିବା ପାଇଁ ରଣପୁର ସମେତ ଆଖ ପାଖ ଅଞ୍ଚଳର ଭକ୍ତମାନଙ୍କ ଭିଡ଼ ଲାଗି ରହିଥିଲା । ଭକ୍ତମାନଙ୍କୁ ରାମ ଖେଚଡି ଓ କ୍ଷୀର ପ୍ରସାଦ ବଣ୍ଟନ କରାଯାଇଥିଲା । ଦୁର୍ଗ ମହାବୀର ଉନ୍ନୟନ କମିଟିର ସଦସ୍ୟମାନେ ଏହି ଯଜ୍ଞରେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚନ୍ଦ୍ରମଣି


@ ମିଳନ


@ ସ୍ୱପ୍ନା


@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶରଣକୁଳରେ ଝାମୁଯାତ୍ରା :ନିଆଁରେ ଚାଲିଲେ ଦଣ୍ଡୁଆ ଓ ଶ୍ରଦ୍ଧାଳୁ

ଶରଣକୁଳ,୧୪।୪(ଦୀପକ କର): ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଶରଣକୁଳର ବିଭିନ୍ନ ଗ୍ରାମରେ କାମନା ଘର ସାମନାରେ ଦଣ୍ଡୁଆମାନେ ଝାମୁଯାତ୍ରାର ଅଂଶ ସ୍ୱରୂପ ନିଆଁରେ ଚାଲି ନିଜ ନିଷ୍ଠା ଓ ଭକ୍ତିର ପରାକାଷ୍ଠା ସୋମବାର ପ୍ରଦର୍ଶନ କରିଥିଲେ। ମୁଗୁପାଟଣା, ଶିଖରପୁର, ହରିହରପୁର, ଚଢ଼ୟାପଲ୍ଲୀ, ପଞ୍ଚିରିଡ଼ା ମାନପୁର, ନରେନ୍ଦ୍ରପୁର ଆଦି ଗ୍ରାମରେ ମେରୁ ଓ ଝାମୁ ପର୍ବ ପାଳନ ହୋଇଥିଲା। ସେହିପରି ଅସୁରଢ଼ିପା ଗ୍ରାମ ମୁଗୁପାଟଣା ସାହିରେ ସକାଳେ ଗ୍ରାମର ପୁରୁଣା ଦଣ୍ଡୁଆ ତଥା ସହଯୋଗୀ ଭକ୍ତମାନଙ୍କ ପାଇଁ କାମନା ଘର ସାମ୍ନାରେ ୧୩ ହାତ ଲମ୍ବା ଓ ଏକ ହାତ ଓସାର ଓ ଗଭୀରର ଗାତ କରାଯାଇଥିଲା। ବ୍ରାହ୍ମଣ ହୋମ ଜରିଆରେ ସେହି ଗାଡ଼ରେ ରଖାଯାଇଥିବା ଶାଳ କାଠରେ ଅଗ୍ନି ସଂଯୋଗ କରିଥିଲେ। ଦଣ୍ଡୁଆମାନେ ପ୍ରଭୁ ବାନାମ୍ବରଙ୍କୁ ଢ଼ୋଲ ମହୁରୀ ଖୋଳ, ତାଳ, ଛତି, ତ୍ରାଶ, ବାନା ବୈରଖ ସହ ଝାମୁ ସ୍ଥଳକୁ ଆସି ପୂଜା ବିଧି ସାରିବାପରେ ପ୍ରଥମେ ଠାକୁରଙ୍କୁ ନେଇ କ୍ଷୀରପୂର୍ଣ୍ଣ କୁଣ୍ଡ ମଧଦେଇ ନିଆଁ ଉପରେ ଚାଲିଥିଲେ। ଏହାପରେ ପାଟ ଭଗତା ଭିମସେନ ପ୍ରଧାନ ମହାପ୍ରଭୁ ବାନାମ୍ବରଙ୍କ ସହ ନିଆଁ ଚାଲି ସାରିବା ପରେ ମଣିଆ ମା' ବାନାମ୍ବର ପ୍ରଧାନ, ପାଟ ଦଣ୍ଡୁଆ ରମେଶ ପ୍ରଧାନ ଓ ପ୍ରଦୀପ ପ୍ରଧାନ, ଡଗର ରାକେଶ ଭଞ୍ଜ ଓ ସମସ୍ତ ଦଣ୍ଡୁଆ ନିଆଁ ଉପରେ ଚାଲିଥିଲେ। ମାନସିକ କରିଥିବା ଭକ୍ତ, କିଶୋର ଓ ଛୋଟ ପିଲାମାନଙ୍କୁ ଦଣ୍ଡୁଆମାନଙ୍କ ପ୍ରତ୍ୟକ୍ଷ ସହାୟତାରେ ନିଆଁରେ ଚାଲିଥିଲେ। ଝାମୁ ଯାତ୍ରା ଶେଷହେବା ପରେ ଠାକୁରଙ୍କୁ ନେଇ ଦଣ୍ଡୁଆମାନେ ଗାଁ ପରିଭ୍ରମଣ କରି ମନ୍ଦିରକୁ ଫେରିଥିଲେ। ଏହି ସମୟରେ ସମବେତ ଜନତାଙ୍କ କଣ୍ଠରୁ ବାନାମ୍ବରଙ୍କ ଜୟ ଜୟକାର, ଓମ୍ ନମଃ ଶିବାୟ, ଶ୍ରୀକଳାରଦ୍ର ମଣି ଭଜେ ଡାକରେ ଗଗନ ପବନ ମୁଖରିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ। ଯାତ୍ରାରେ ଆଖପାଖ ଗ୍ରାମରୁ ସହସ୍ରାଧିକ ଶ୍ରଦ୍ଧାଳୁ ଆସିଥିଲେ। ଏହା ସହିତ ଶରଣକୁଳର ବିଭିନ୍ନ ଗ୍ରାମରେ ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପଣା ପ୍ରସ୍ତୁତ କରାଯାଇ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା।


ଶରଣକୂଳରେ ଝାମୁଯାତ୍ରା ।

# ମାଣିକପାଟଣାରେ ଝାମୁଯାତ୍ରା


ମାନସିକଧାରୀମାନେ ଝାମୁ ଗାଡ଼ରେ ଚାଲୁଛନ୍ତି ।

ନୂଆଗାଁ,୧୪।୪(ଧନେଶ୍ୱର ସାହୁ):

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡାଝୋଲାଠାରେ ସୋମବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ବ୍ଲକ ବାହାଡାଝୋଲା ପଞ୍ଚାୟତ ମାଣିକପାଟଣା ଦଣ୍ଡ ଠାକୁର ୨୧ ଦିନ ପୂର୍ବରୁ ଉଠି ବିଭିନ୍ନ ମାନସିକଧାରୀ ଭକ୍ତଙ୍କ ଦୁଆରକୁ ଯାଇ ପୂଜା ପାଉଥିଲେ। ସୋମବାର ତାହା ଶେଷ ହୋଇଛି । ଦଣ୍ଡ ଠାକୁର ରବିବାର ନିଜ ଗ୍ରାମକୁ ଲେଉଟାଣି ଆସିଥିବା ବେଳେ ସୋମବାର ଝାମୁ ଯାତ୍ରା ପରେ ନିଜ କୋଠିକୁ ଫେରିଛନ୍ତି । ଏହି ଅବସରରେ ମାଣିକପାଟଣା ଗ୍ରାମରେ ୧୩ ହାତର ନିଆଁ ଗାଡ ପ୍ରସ୍ତୁତ କରାଯାଇଥିଲା । ଠାକୁର ଓ ଦଣ୍ଡୁଆମାନେ ଗୋଧୋଇ ଆସିବା ପରେ କାମନା ଘର ନିକଟରେ ଥିବା ନିଆଁ ଗାଡ଼ ନିକଟକୁ ଆସିଥିଲେ । ପୂର୍ବରୁ ପ୍ରସ୍ତୁତ ଥିବା ନିଆଁରେ ପ୍ରଥମେ ଠାକୁର , ପାଟ ଦଣ୍ଡୁଆ ଚାଲିବା ପରେ ମାନସିକଧାରୀ ଭକ୍ତମାନଙ୍କୁ ଧରି ଦଣ୍ଡୁଆମାନେ ନିଆଁରେ ଚାଲିଥିଲେ। ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା। ଏହି କାର୍ଯ୍ୟକ୍ରମରେ ଭକ୍ତଙ୍କ ମଧ୍ୟରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ , ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, କାପ୍ତାପଲୀ ସରପଞ୍ଚ ସାରସଧର ସାହୁ , ବାହାଡାଝୋଲା ସରପଞ୍ଚ ଆରତୀ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଦଣ୍ଡ ଠାକୁରଙ୍କ ଆର୍ଶୀବାଦ ଲାଭ କରିଥିଲେ ।

# ଖଣ୍ଡପଡ଼ାରେ ଦଣ୍ଡଯାତ୍ରା ଉଦ୍‌ଯାପିତ

ଖଣ୍ଡପଡ଼ା,୧୪।୪(ଅଜୟ କୁମାର ମହାରଣା) ୨୧ଦିନ ବ୍ୟାପୀ ଚାଲିଥିବା ଦଣ୍ଡପର୍ବର ଶନିବାର ଥିଲା ଅନ୍ତିମ ଦିବସ । ଏହି ଅବସରରେ ଖଣ୍ଡପଡା ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ଦଣ୍ଡପର୍ବର ଅନ୍ତିମ ଦିବସ ମେରୁ ଯାତ୍ରା ପାରମ୍ପରିକ ରୀତିରେ ଉଦ୍‌ଯାପିତ ଯାଇଛି। ବିଶେଷତଃ ଶୈବପୀଠ ନିକଟ ଯଜ୍ଞକୁଣ୍ଡ ଉପରେ ପ୍ରସ୍ତୁତ ଏକ ଅରଟିରେ ପାଟଭକ୍ତାଙ୍କ ଗୋଡ଼କୁ ବନ୍ଧା ଯାଇ ଜଳନ୍ତା ଯଜ୍ଞ କୁଣ୍ଡ ଉପରେ ତଳକୁ ମୁହଁ କରି ରହିବା ଦୃଶ୍ୟ ଉପସ୍ଥିତ ଶ୍ରଦ୍ଧାଳୁ ଓ ଦର୍ଶକମାନଙ୍କୁ ଦଣ୍ଡପର୍ବର ସାଧନା ଓ ବିଶ୍ୱାସ ସମ୍ପର୍କରେ ପ୍ରଭାବ ପକାଇଥାଏ । ନିଷ୍ଠାପର ସାଧନା, କଠିନ ଉପାସନା ଓ ପ୍ରଗାଢ ଭକ୍ତି ଓ ଶୁଦ୍ଧପୁତ ଜୀବନଚର୍ଯ୍ୟା ପାଇଁ ଏହି ମାସରେ ଦଣ୍ଡ ଉପାସନା ଏକ ମୁଖ୍ୟ ପର୍ବ । ଚୈତ୍ରମାସର ପ୍ରଚଣ୍ଡ ଖରାକୁ ଖାତିର ନ କରି ଶିବ ପୀଠମାନଙ୍କରେ ତତଲା ଧୂଳିର ଧୂଳି ଦଣ୍ଡହିଁ ମାନସିକଧାରୀ ଦଣ୍ଡୁଆମାନଙ୍କ ମହାନ୍ ଦିକ୍ଷାର ପରିଚୟ ଦିଏ। ଶୈବ ପୀଠର ଆର୍ଥିକ ସ୍ଥିତିକୁ ଲକ୍ଷ୍ୟ କରି କେଉଁଠାରେ ୨୧,୧୯,୧୭, ୧୩ ଦିନ ତ ଆଉ କେଉଁଠି ୧୫, ୧୧ କିମ୍ବା ୭ ଦିନ ପାଇଁ ଏହି ପର୍ବ ପାଳନ ପାଇଁ ନିର୍ଦ୍ଧିଷ୍ଟ କରାଯାଏ । ତେବେ କଣ୍ଟିଲୋ ଅଞ୍ଚଳର କପିଳେଶ୍ୱର, କୃଷ୍ଣେଶ୍ୱର, ବଟେଶ୍ୱର, ଚୈତନ୍ୟ ଦେବ, ନୀଳକଣ୍ଠେଶ୍ୱର ଦେବ ଆଦି ମହାଦେବଙ୍କ ଦଣ୍ଡଯାତ୍ରା ପାରମ୍ପରିକ ରୀତିରେ ଆରମ୍ଭ ହୋଇ ଶେଷ ଦିନ ଅର୍ଥାତ୍ ମେରୁ ପର୍ବ ପାଳିତ ହୋଇ ଯାଇଛି । ଏହି ଅବସରରେ ଭକ୍ତାମାନେ ଧୂଳି ଦଣ୍ଡ ଓ ପାଣି ଦଣ୍ଡ ଖେଳ ସାରିବା ପରେ ଠାକୁରଙ୍କୁ ଗ୍ରାମ ବିଜେ କରାଇ ଗ୍ରାମ ଚାଟେରୀ ଭୋଗ ଖାଇଥିଲେ । ପରେ ଦଣ୍ଡ ଠାକୁରଙ୍କ କୋଠି ନିକଟରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ହୋମ କୁଣ୍ଡ ଉପରେ କାଷ୍ଠ ନିର୍ମିତ ଅରଟି ଦୋଳି ପ୍ରସ୍ତୁତ କରି ରଖା ଯାଇଥିବା ବେଳେ ହୋମ କୁଣ୍ଡରେ ନିଆଁରେ ଦଣ୍ଡୁଆମାନେ ଝୁଣା ମାରିବା ସମୟରେ ପାଟ ଭକ୍ତା ଅରଟିରେ ବସି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ଦୃଶ୍ୟ ଦେଖିବାକୁ ଭକ୍ତମାନଙ୍କ ସମାଗମ ହୋଇଥିଲା । ଏଥିସହ ବିଭିନ୍ନ ସ୍ଥାନରେ ଦଣ୍ଡ ଉତ୍ସବ ପାଳିତ ହୋଇଯାଇଛି।

# କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ବାର୍ଷିକ ଉତ୍ସବ

ଗଣିଆ,୧୪।୪(ସନ୍ତୋଷ କୁମାର ପ୍ରଧାନ):

ଗଣିଆ ବ୍ଲକର ସର୍ବପୁରାତନ ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ନିହାରବାଳା ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟବକ୍ତା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ୍ ଅଧକ୍ଷା ଝୁନା ଜେନା, ଉପାଧ୍ୟକ୍ଷ ରାଜ କିଶୋର ସାହୁ, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତିସଭ୍ୟ ଫକୀର ମୋହନ ଡାକୁଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ, ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ସଭାପତି ଦେବାନନ୍ଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରୀଛାତ୍ରମାନଙ୍କ ଉତ୍ତମ ଚରିତ୍ର ଗଠନ, ଗୁଣାତ୍ମକ ଶିକ୍ଷା ଓ ଶୃଙ୍ଖଳା ଜ୍ଞାନ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ଜିତେନ କୁମାର ପାଣିଗ୍ରାହୀ ଓ ଶିକ୍ଷୟିତ୍ରୀ ସସ୍ମିତା ମଣ୍ଡଳ ମଞ୍ଚ ପରିଚାଳନା କରିଥିଲେ।

## ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧ ଦିବସ ପାଳିତ

ଦଶପଲ୍ଲା,୧୪।୪(ପ୍ରକାଶ କୁମାର ପାଣି)ପୂଜ୍ୟ ପୂଜା ସମିତି, ଦଶପଲ୍ଲାର ଆୟୋଜନ କ୍ରମେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଇଲେଭେନ ଷ୍ଟାର କ୍ଲବ୍‌ର ସଭା ଗୃହରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଏବଂ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ୫୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ସମିତିର ସଭାପତି ଆଡଭୋକେଟ ଶରତ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ସଭାର ପ୍ରାରମ୍ଭରେ ସମସ୍ତେ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହିସଭାରେ ମୁଖ୍ୟବକ୍ତା ଅଧ୍ୟାପକ ଅଲେଖ କୁମାର ସ୍ୱାଇଁ ସଂଗ୍ରାମୀଙ୍କ ଜୀବନୀ ଓ ଆଦର୍ଶ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଦଶପଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା ବକ୍ତବ୍ୟ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ଗୋବିନ୍ଦ ମିଶ୍ର ସ୍ମୃତି କମିଟିର ସଭାପତି ପ୍ରସନ୍ନ କୁମାର ପଣ୍ଡା ଯୋଗଦେଇ ସ୍ମୃତିଚାରଣ କରିଥିଲେ।

# ଓଡ଼ିଶା ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ ବଂଶୀଧର

ନୟାଗଡ଼,୧୪।୪(ଲୋକନାଥ ମିଶ୍ର):

## ବିଷୁବ ମିଳନ,ରାଜ୍ୟସ୍ତରୀୟ କବିତା ପାଠୋତ୍ସବ

ବିଶିଷ୍ଟ ରାଜନେତା, ସାହିତ୍ୟିକ, ଶିକ୍ଷାବିତ୍, ନାଟ୍ୟକାର, ସମାଜସେବୀ ତଥା ପୂର୍ବତନ ନୟାଗଡ଼ ବିଧାୟକ ବଂଶୀଧର ସାହୁଙ୍କ ସ୍ମୃତିରେ ପ୍ରତିବର୍ଷ ପରି ଚଳିତ ବର୍ଷ ୩୨ତମ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ-୨୦୨୫ ଇଟାମାଟି ବଂଶୀଧର ମହାବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବଂଶୀଧର ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ଫର୍ ପିସ୍ ଆଣ୍ଡ ଡେଭଲପମେଣ୍ଟ, ଓ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଓ ମୁଖ୍ୟବକ୍ତା ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧାପକ ଆଶୁତୋଷ ମିଶ୍ର ଯୋଗ ଦେଇଥିଲେ। ସେହିଭଳି ସମ୍ମାନିତ ଅତିଥିଭାବେ ବଂଶୀଧର ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପୀନାଥ ମାର୍ଥା, ନୟାଗଡ଼ ଜିଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ, ଶିକ୍ଷାବିତ୍ ଅଶୋକ କୁମାର ମଲ ଯୋଗଦେଇ ବଂଶୀଧର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବକ୍ତାମାନେ ନିଜ ଭାଷଣରେ ଦର୍ଶାଇଥିଲେ ବଂଶୀଧର ବାବୁ ଏଭଳି ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ ଯିଏକି ମାତ୍ର ୫ ବର୍ଷ ବିଧାୟକ ହୋଇ ମଧ୍ୟ ନୟାଗଡ଼ର ଅନେକ ବିକାଶ ମୂଳକ କାର୍ଯ୍ୟ କରି ଲୋକଙ୍କ ହୃଦୟରେ ରହି ଯାଇଛନ୍ତି। ଏତଦ୍‌ବ୍ୟତୀତ ଗଳ୍ପ, କବିତା, ନାଟକ ଓ ଭ୍ରମଣ କାହାଣୀ ଆଦି ୬୦ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରି ଓଡ଼ିଶା ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ସଭା ମୁଖ୍ୟ ଭାବେ ବଂଶୀଧର ବାବୁଙ୍କ ସହଧର୍ମିଣୀ ବିଦ୍ୟୁଲତା ସାହୁ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ । କବିତା ପାଠୋତ୍ସବକୁ କବି ଗୋପୀନାଥ ସେଠୀ ଓ ଅଧ୍ୟାପିକା ନୀଳିମା ନନ୍ଦ ସଂଯୋଜନା କରିଥିଲେ। ବ୍ୟଙ୍ଗ କଲମ ସମ୍ପାଦକ ତଥା ଅଭିନେତା ରବୀନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବୟିତ୍ରୀ ସୁକାନ୍ତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ କବୟିତ୍ରୀ ଗଞ୍ଜାମ ବେଗୁନିଆପଡାର କଳ୍ପଲତା ମହାପାତ୍ରଙ୍କୁ ବଂଶୀଧର ସାରସ୍ୱତ ସମ୍ମାନ, ବିଶିଷ୍ଟ ନାଟ୍ୟ ସଙ୍ଗଠନ ବ୍ରହ୍ମପୁରର ଅନିଲ କୁମାର ପାତ୍ରଙ୍କୁ ବଂଶୀଧର ନାଟ୍ୟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ନୟାଗଡ଼ର ଖବରଦାତା ରାମକୃଷ୍ଣ ରଥଙ୍କୁ ବଂଶୀଧର ପତ୍ରକାର ସମ୍ମାନ, କବୟତ୍ରୀ ହରପ୍ରିୟା ଦ୍ୱିବେଦୀଙ୍କୁ ବଂଶୀଧର ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

କାର୍ଯ୍ୟକ୍ରମରେ ପରମ୍ପରା ସମ୍ପାଦକ ନିର୍ମଳ ଚନ୍ଦ୍ର ସୁରଦେଓ, ରଙ୍ଗନାଥ ବେହେରା, କବି ଗୋଲକ ନାୟକ, ଗାଳ୍ପିକ ଲଳିତ ମୋହନ ମିଶ୍ର, କବୟିତ୍ରୀ ଶୁକ୍ଳିଣୀ ଆନନ୍ଦ, କବି ଦେବେନ୍ଦ୍ର ପରମଗୁରୁ, ବ୍ୟଙ୍ଗ କବି ଘରବୁଢ଼ା ପ୍ରତାପ କୁମାର ସାହୁ , ଅଧ୍ୟାପକ ଦିବାକର ରାଉତ, ରୀନାବାଳା ସାହୁ, ସୁଜାତା ସାହୁ,ବରିଷ୍ଠ କିରାଣୀ ସୂର୍ଯ୍ୟ ନାରାୟଣ ପ୍ରଧାନ, ବଂଶୀବାବୁଙ୍କ ସୁପୁତ୍ର ମାନସ ରଞ୍ଜନ ସାହୁ, ମଧୁସୂଦନ ସାହୁ, ମନ୍ମଥ ସାହୁ, ଝିଅ ମୋନାଲିସା ସାହୁ, ଏବଂ ଦୀପକ ସୁନ୍ଦରକା, ସାମାଜିକ କର୍ମୀ ଶ୍ରୀଧର ପ୍ରଧାନ, କଣ୍ଠଶିଳ୍ପୀ ତାନସେନ ରଫି କିଶୋର ସିଂ, ପ୍ରହଲ୍ଲାଦ ସାହୁ, ଅଧିବକ୍ତା ବଂଶୀଧର ରାଉତରାୟ, ତପନ କୁମାର, ନାୟକ, କୃପାସିନ୍ଧୁ ଦାସ, ରମେଶ ଚନ୍ଦ୍ର ମହାରଣା ଏବଂ ମନୋଜ କୁମାର ନାୟକ ଯୋଗ ଦେଇଥିବା ବେଳେ ଶତାଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।



ବିଷୁବ ମିଳନ ଉତ୍ସବରେ ଯୋଗଦେଇଥିବା ଅତିଥି ।

